ପାଠ-୭

# ମୁନି ଯାଇଥିଲା ହାଟକୁ

## STUDY NOTES

ପିଲାମାନେ ତୁମେମାନେ ଛୁଟି ହେଲେ କୁଆଡ଼େ ସବୁ ଯାଅ ? ଠିକ୍ କହିଛ ତୁମେମାନେ ବିଭିନ୍ନ ଜାଗାକୁ ଯାଅ। ଯେମିତି କି ଅଜାଘର, ଗାଁ, ବଜାର ଆହୁରି ଅନେକ ଜାଗା। କିନ୍ତୁ ଯେତେବେଳେ ଆମକୁ କିଛି କିଣାକିଣି କରିବାର ଥାଏ, ସେତେବେଳେ ଆମେ ବଜାରକୁ ଯାଏ।









ତୁମେମାନେ ଯେମିତି ବଜାର ଯାଅ, ଠିକ୍ ସେମିତି ତୁମମାନଙ୍କ ଭଳି ମୁନି ମଧ ବଜାର ଯିବାକୁ ଭାରି ଭଲପାଏ ।

ଚାଲ ତାହା ହେଲେ ଆମେ ଯିବା ସମସ୍ତେ ମୁନି କ'ଣ ସବୁ ହାଟରୁ କିଣିଲା ଏବଂ ଦେଖିଲା ସବୁ ଜାଣିବା ।

**୧. ଠିକ୍ ଉତ୍ତରକୁ ଗାର ଟାଣ ।**

କ) ରିନୁ / **ମୁନି** ବଜାର ଯାଇଥିଲା ।

ଖ) ମୁନି ବିଦ୍ୟାଳୟ / **ବଜାର**କୁ ଯାଇଥିଲା ।



ଉପର ଛବିରେ ଦେଖ ମୁନି ପାଠଶାଳା ଯିବା ବେଳେ ଭାବିଲା ଏହି ଛବିରେ ଥିବା ସୁନ୍ଦର ହାଟକୁ ବୁଲିବାକୁ ଯିବା ପାଇଁ। ସମସ୍ତେ ଦେଖୁଥିବ ବଜାରର ମଝିରେ ଗୋଟିଏ ବିରାଟ ଗଛ ଓ ତା'ର ଚାରିପଟେ ଘେରି ରହିଛି ବହୁତ ପ୍ରକାରର ଦୋକାନ ବଜାର। ପ୍ରଥମେ ଜଣେ ପଣସ ବିକୁଛି ଓ ଲୋକମାନେ ପଣସ ମଧ କିଣୁଛନ୍ତି ।



ତା'ର ଟିକେ ପାଖରେ କିଛି ପୋଷାକ ଦୋକାନ ଅଛି। ଅନ୍ୟ କେଉଁଠି କୁଲା ଓ ମାଠିଆ ଦୋକାନ ମଧ୍ୟ ବସିଛି ଓ ଲୋକମାନେ କିଣାକିଣି ମଧ୍ୟ କରୁଛନ୍ତି। ଲୋକମାନେ ମଧ୍ୟ ବହୁତ ମାତ୍ରାରେ ଭିଡ଼ ହୋଇଛନ୍ତି। ସମସ୍ତେ ମଧ୍ୟ ନିଜ ନିଜ ଦରକାରୀ ଜିନିଷ ହାଟରୁ ବା ବଜାରରୁ କିଣୁଛନ୍ତି।

**୨. ଖାଲିଘର ପୂରଣ କର।**

କ) ମୁନି **<u>ପାଠଶାଳା</u>**ରୁ ହାଟକୁ ବୁଲିବାକୁ ଆସିଲା।

ଖ) ମୁନି **<u>ପଣସ, ପୋଷାକ, କୁଲା</u>** ଓ **<u>ମାଠିଆ</u>** ଦୋକାନ ଦେଖିଲା।

ସତରେ ବହୁତ ମଜା ଲାଗିଲା ପିଲାମାନେ ଆମେ ସମସ୍ତେ ମଧ୍ୟ ମୁନି ସାଙ୍ଗରେ ହାଟକୁ ବୁଲିବାକୁ ଗଲେ। ହାଟରେ ମଧ୍ୟ ବହୁତ ଭଲ ଭଲ ଜିନିଷ ଦେଖିବାକୁ ପାଇଲେ।

♦♦♦